# ସୁବ୍ରତ ଓ ରାଜକିଶୋରଙ୍କୁ ସାହିତ୍ୟ ଏକାଡେମୀ ସମ୍ମାନ




ଭୁବନେଶ୍ୱର, ୧୮/୦୬(ଆ.ପ୍ର): କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା । ସୁବ୍ରତ ସେନାପତି ଏବଂ ରାଜକିଶୋର ପାଢ଼ୀଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନୀତ କରାଯିବ । 'କଦମ୍ବ ବନ' ପାଇଁ ଯୁବ ଲେଖକ ସୁବ୍ରତ କୁମାର ସେନାପତି ଏବଂ 'କେତେ ଫୁଲ ଫୁଟିଛି' ବହି ପାଇଁ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ ପାଇବେ ୨୦୨୫ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ଓ ବାଲ ପୁରସ୍କାର । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ କାର୍ଯ୍ୟନିର୍ବାହୀ ବୈଠକ ନିଷ୍ପତ୍ତି କ୍ରମେ ୨୦୨୫ ବର୍ଷ ପାଇଁ ଏକାଡେମୀ ଯୁବ ଏବଂ ବାଲ ପୁରସ୍କାର ଘୋଷଣା ହୋଇଛି । 'କେତେ ଫୁଲ ଫୁଟିଛି' ପୁସ୍ତକ ପାଇଁ ପୁରସ୍କୃତ ହେଲେ ରାଜକିଶୋର ପାଢ଼ୀ । ସୁବ୍ରତ ସେନାପତି ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର । 'କଦମ୍ବ ବନ' ପୁରସ୍କାର ପାଇଁ ପୁରସ୍କୃତ ହେବେ । ପୁରସ୍କାର ଘୋଷଣା ପରେ ଉଭୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ଉଭୟ ପୁରସ୍କାର ବାବଦକୁ ୫୦ ହଜାର ଟଙ୍କା, ଉପଢୌକନ ଓ ସ୍ମାରକୀ ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ଯୁବ ପୁରସ୍କାର ଚୂଡାନ୍ତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ସାହିତ୍ୟିକ ଯଶୋଧାରା ମିଶ୍ର, ରବି ସ୍ୱାଇଁ, ସୁଭାଷ ଶତପଥି ଏବଂ ବାଲ ପୁରସ୍କାର ଚୂଡାନ୍ତ ବିଚାରକ ମଣ୍ଡଳୀରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ, ଡ. ଶକୁନ୍ତଳା ବଳିୟାରସିଂହ ଏବଂ ରାମଚନ୍ଦ୍ର ନାୟକ ପ୍ରମୁଖ ଥିଲେ ବୋଲି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରୀ ଦାସ ସୂଚନା ଦେଇଛନ୍ତି ।